[2008] 13 S.C.R.

ଜୋଗିନ୍ଦର ଓରଫ୍ ଜିନ୍ଦି

*ବନାମ*

ହରିୟାଣା ରାଜ୍ୟ

(ବିଶେଷ ଅନୁମତି ଆବେଦନ (ଅପରାଧିକ) ସଂଖ୍ୟା 6346/2008)

8 ସେପ୍ଟେମ୍ବର, 2008

**[ଡା. ଅରିଜିତ ପଶାୟତ ଏବଂ ହରଜିତ୍ ସିଂହ ବେଦୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ପ୍ରକ୍ରିୟା ସଂହିତା, 1973:*

*ଧାରା 438 - ଗିରଫ ହେବାର ଆଶଙ୍କା ଥିବା ବ୍ୟକ୍ତିଙ୍କୁ ଜାମିନ ପ୍ରଦାନ - ନିର୍ଣ୍ଣୟ କରାଯାଇଥିଲା: ଯଦିଓ ଆରୋପିତ ଅପରାଧ ଜାମିନ ଯୋଗ୍ୟ ଅଟେ ବୋଲି ଏହା ଗ୍ରହଣ କରାଯାଏ, ଜାମିନ ଯୋଗ୍ୟ ଅପରାଧ ସମ୍ବନ୍ଧରେ ଧାରା 438 ଅନୁଯାୟୀ ଏକ ପିଟିସନରେ ଭୁଲ୍ ଧାରଣା ପୋଷଣ କରାଯାଇଛି - ହେପାଜତରେ ଥିବା ବ୍ୟକ୍ତିଙ୍କୁ ପଚରାଉଚରା ଆବଶ୍ୟକ ଥିଲା ବୋଲି ଉଚ୍ଚ ନ୍ୟାୟାଳୟ ଯଥାର୍ଥତା ପ୍ରତିପାଦନ କରିନଥିଲେ - ତଥାପି, ଯଦି ଆବେଦନକାରୀ ଆତ୍ମସମର୍ପଣ କରନ୍ତି ଏବଂ ନିୟମିତ ଜାମିନ ଚାହାଁନ୍ତି, ତେବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କୌଣସି ପର୍ଯ୍ୟବେକ୍ଷଣ ଦ୍ୱାରା ଏହା ପ୍ରଭାବିତ ବୋଲି ବିଚାର କରାଯିବ ନାହିଁ*

ଫୌଜଦାରୀ ଆବେଦନ ଅଧିକାରିତା: ବିଶେଷ ଅନୁମତି ଆବେଦନ (ଅପରାଧିକ) ସଂଖ୍ୟା 6346/2008

2008 ର ଫୌଜଦାରୀ ବିବିଧ ମାମଲା ସଂଖ୍ୟା M-20367ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 13.08.2008 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ରଣଜିତ୍ କୁମାର, ସୁବୋଧ କୁମାର ପାଠକ, ଶଶି ରଞ୍ଜନ, ବି. ପଟ୍ଟନାୟକ ଏବଂ ଧର୍ମେନ୍ଦ୍ର କୁମାର ସିହ୍ନା ।

ନିମ୍ନୋକ୍ତ ଆଦେଶ ପ୍ରଦାନ କରାଯାଇଥିଲା

ଆବେଦନକାରୀଙ୍କ ତରଫରୁ ବିଜ୍ଞ ବରିଷ୍ଠ ଓକିଲଙ୍କୁ ଶୁଣିଲୁ ।

ଯେହେତୁ ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଆରୋପିତ ଅପରାଧ ଜାମିନ ଯୋଗ୍ୟ ଅପରାଧ ଅଟେ, ତେଣୁ ହେପାଜତରେ ଥିବା ବ୍ୟକ୍ତିଙ୍କୁ ପଚରାଉଚରା ଆବଶ୍ୟକ ବୋଲି ନିର୍ଣ୍ଣୟ କରିବାରେ ଉଚ୍ଚ ନ୍ୟାୟାଳୟ ଯଥାର୍ଥତା ପ୍ରତିପାଦନ କରିନଥିଲେ । ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 438 ଅଣ-ଜାମିନଯୋଗ୍ୟ ଅପରାଧ ସହ ଜଡ଼ିତ ଅଟେ । ତେଣୁ, ଯଦିଓ ଆରୋପିତ ଅପରାଧ ଜାମିନ ଯୋଗ୍ୟ ଅଟେ ବୋଲି ଏହା ଗ୍ରହଣ କରାଯାଏ, ଜାମିନ ଯୋଗ୍ୟ ଅପରାଧ ସମ୍ବନ୍ଧରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 438 ଅନୁଯାୟୀ ଏକ ପିଟିସନରେ ଭୁଲ୍ ଧାରଣା ପୋଷଣ କରାଯାଇଛି । ତଥାପି, ଯଦି ଆବେଦନକାରୀ ଆତ୍ମସମର୍ପଣ କରନ୍ତି ଏବଂ ନିୟମିତ ଜାମିନ ଚାହାଁନ୍ତି, ତେବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ କୌଣସି ପର୍ଯ୍ୟବେକ୍ଷଣ ଦ୍ୱାରା ଏହା ପ୍ରଭାବିତ ବୋଲି ବିଚାର କରାଯିବ ନାହିଁ । ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନର ଫଏସଲା କରାଯାଇଛି ।

ଆର୍. ପି. ବିଶେଷ ଅନୁମତି ଆବେଦନର ଫଏସଲା କରାଯାଇଛି ।

## ଅସ୍ୱୀକରଣ

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ